# ପଟନାୟକେ, ପଇସାଟିଏ

ଆସିକା ବସ୍ ଷ୍ଟାଣ୍ଡ୍‌ରେ ବସ୍ ରହିବା ସଙ୍ଗେ ସଙ୍ଗେ ଶବ୍ଦ ଶୁଣାଗଲା-

ପଟନାୟକେ, ପଇସାଟିଏ !

ଅନବରତ ଘଡ଼ଘଡ଼, ଦମ୍‌ଦମ୍, ଭଁ-ଭଁ ଶବ୍ଦ ଶୁଣି ଶୁଣି କାନ ତାବଦା ହୋଇଯାଇଥିଲା, ମନ ତିକ୍ତ ହୋଇ ଉଠିଥିଲା । ଧୂଳିପୂର୍ଣ୍ଣ ରାଜରାସ୍ତା ଉପରେ ବସିରହିବା ସଙ୍ଗେ ସଙ୍ଗେ ହଠାତ୍ ଘୋର ପରିବର୍ତ୍ତନ ଘଟିଲା । ସେ କର୍କଶ ରୁକ୍ଷ ଶବ୍ଦ ସ୍ଥାନରେ ଗୋଟିଏ କରୁଣ କଣ୍ଠର କ୍ଷୀଣ ସ୍ୱର ଶୁଣାଗଲା-

ପଟନାୟକେ, ପଇସାଟିଏ !

ସମୟଟା ବସନ୍ତ କାଳ । ସେ ବସନ୍ତ ସମୟରେ କବିକଳ୍ପିତ କାବ୍ୟକବିତାର କୋକିଳ କେଉଁ ଶ୍ୟାମଳ ବନଗହଳରେ ଅମୃତ ଢାଳୁଥିବ କେଜାଣି, ସେତେବେଳେ ଆସିକା ନିକଟରେ କୋକିଳର ସ୍ୱର ଶୁଣାଯାଉ ନ ଥିଲା । ଏକମାତ୍ର ଶବ୍ଦ ଜଣାପଡୁଥିଲା- ପଟନାୟକେ, ପଇସାଟିଏ !

ଲୋକ ବସ୍‌ରୁ ଉତୁରିଲେ, ବସ୍‌ରେ ବସିଲେ । ଲୋକେ ପଇସା ଗଣିଲେ, ଟିକଟ ଆଣିଲେ । କିନ୍ତ ସେହି କରୁଣ କୋମଳ ସ୍ୱରଟିର କିଛି ହେଲେ ପରିବର୍ତ୍ତନ ଘଟିଲା ନାହିଁ, ବରଂ ସେଥିରେ ଟିକିଏ ଲୁହ ରସାଣି ଦେଇ ଆହୁରି ବିକଳ ଭାବରେ କୁଆଡୁ ହୃଦୟ ଭିତରେ ପ୍ରତିଧ୍ୱନି ଉଠିଲା-

ପଟନାୟକେ, ପଇସାଟିଏ !

ସମସ୍ତେ ବୁଲି ଚାହିଁଲେ, ସମସ୍ତେ ମୁହଁ ଫେରାଇ ଆଣିଲେ, କିନ୍ତୁ ସ୍ୱରଟି ଯାହା କଣ୍ଠରୁ ବାହାରି ଆଖପାଖ ଶହେ ଦୁଇଶହ ଗଜ ପରିମିତି ଧରଣୀକୁ କରୁଣାର୍ଦ୍ର କରୁଥିଲା, ସେ ସମସ୍ତଙ୍କ ମୁହଁକୁ ଖାଲି ବୁଲି ବୁଲି ଚାହିଁ ଚାହିଁ ଏକାପରି କହିଲା-

ପଟନାୟକେ, ପଇସାଟିଏ !

ପଟନାୟକେ କାହାନ୍ତି ? ପଇସା କାହିଁ ? ଏ ସ୍ୱରର କେହି ଉତ୍ତର ଦେଲେ ନାହିଁ । କେବଳ ଖଣ୍ଡେ ମାତ୍ର ଛିଣ୍ଡାକନା ଅଣ୍ଟାରେ ଗୁଡ଼ାଇଦେଇ, ସଂସାରକୁ ନିଜର ବୁକୁହାଡ଼ ଗଣିବାକୁ ଦେଖାଇ ଦେଇ ସେ ଲୋକଟି ଏକାପରି କହିବାରେ ଲାଗିଲା-

ପଟନାୟକେ, ପଇସାଟିଏ !
ପଟନାୟକେ, ପଇସାଟିଏ

ପାଦ ତା' ର ଭୂଇଁରେ ଥିର ହୋଇ ପଡୁ ନ ଥିଲା, ଆଖି ତା' ର ଭଲ ହୋଇ ଫିଟୁ ନ ଥିଲା । ସେ ନିଜେ ସଂସାରରେ ଅଛି କି ନାହିଁ ବୋଧହୁଏ ଜାଣିପାରୁ ନ ଥିଲା । ତଥାପି ପ୍ରାଣରେ କି କ୍ଷୀଣ ଆଶା ବହି ଶୁଖିଲା ଓଠତଳୁ କ୍ଷୀଣ ସ୍ୱର ଉଠାଉଥିଲା-

ପଟନାୟକେ, ପଇସାଟିଏ !

ସେ ରଥଙ୍କୁ ଚାହିଁ ମାଗିଲା, ମିଶ୍ରଙ୍କୁ ଚାହିଁ ମାଗିଲା । ରଥେ ମିଶ୍ରେ ମୁହଁ ବୁଲାଇଦେଲେ । ଦାସଙ୍କୁ କହିଲା - 'ପଟନାୟକେ, ଦାସେ ଚିଡ଼ିଉଠିଲେ । ପ୍ରଧାନେ ବସିଥିଲେ ମୁଣ୍ଡରେ ପଗଡ଼ି ଭିଡ଼ି । ସେ ବୋଧହୁଏ 'ପଧାନ' ଡାକ ଶୁଣିଥିଲେ ପଇସାଟିଏ ଦେଇଥାନ୍ତେ । ପଟନାୟକ ଶବ୍ଦ ତାଙ୍କୁ ବିଗିଡ଼ାଇଦେଲା । ପାଳେ ବସିଥିଲେ ଆଗ ଆସନରେ । ସେ ରାଗିଉଠିଲେ । ତଥାପି ସେହି ତିରିଶ ଜଣ ଯାତ୍ରୀଙ୍କ ପାଖରେ ସେ ଲୋକଟି ତିନିଶହଥର 'ପଟନାୟକ' ଶବ୍ଦ ଉଚ୍ଚାରଣ କରି ପଇସାଟିଏ ବୋଲି ମାଗିଗଲା । କିଏ କହିଲା- ତା' ର ଏଟା ଅଭ୍ୟାସ, କିଏ କହିଲା-ଏଟା ପାଗଳ, କିଏ ବା କହିଲା-ଗଞ୍ଜୋଡ଼, ଆପୁଆ, ଗୁଲିଆ । ସେ ସବୁ ଶୁଣିଲା, ତଥାପି ପ୍ରତିବାଦ କଲା ନାହିଁ । ସେ ତିରସ୍କାର ପାଇଲା; ତଥାପି ଆଖିରୁ ଲୁହ ଗଡ଼ାଇଲା ନାହିଁ । ଗାଳି ଶୁଣିଲା; ପାଦ ପଛକୁ ଘୁଞ୍ଚାଇଲା ନାହିଁ ।

ତା ହାତକୁ ଛୁଇଁଲା ପରି ଅଣିଟିଏ ମୁଁ ବଢ଼ାଇଦେଇ କହିଲି, "ଆରେ ଏ, ପଟନାୟକେ କିଏ?"

ସେ ଅଣିଟିକି ହାତରେ ଧରି ଆଖି ପାଖକୁ ନେଇ ଟିକିଏ ନିରେଖି କହିଲା - "ହଁ, ପଇସାଟିଏ ଦେଲ, ଭଲ କଲ । ନେଇ ତ ଥିଲ, ଦିଅନ୍ତା କିଏ ?"

ମୁଁ ଆବାକ୍ ହୋଇଗଲି । କ୍ଷୀଣେ ନୀରବ ରହି ପଚାରିଲି - "ନେଇଥିଲି କେବେ ?"

ମୁହଁକୁ ସେ ଟିକିଏ ଉପରକୁ ଟେକି, ଦମ୍ଭରେ ରହି କହିଲା ପରି କହିଲା - "କେବେ, ପାଞ୍ଚବର୍ଷ ତଳର କଥା ଭୁଲିଗଲ ? ସେଇ ଯେ ବାଲିପତର ଗାଁର ପକାଘର ଖଣ୍ଡକ, ସେ ଘରେ କ' ଣ ଆଉ ରଘୁ ସୁବୁଦ୍ଧି ଅଛି ? ସେ ଆଣିଥିଲା ତମଠୁଁ ମୋଟେ ପଚାଶ ଟଙ୍କା ।"

ଏତିକି କହି ଭିକାରୀଟି ଟିକିଏ ଥକ୍‌କା ହୋଇଗଲା । ବୋଧହୁଏ ତା' ର ଦମ୍ ପାଇଲା ନାହିଁ । ମୁଣ୍ଡରେ ତା' ର କ୍ଷୀଣ ଝାଳବିନ୍ଦୁ ଦେଖାଗଲା । ଟିକିଏ ଆଖି ମୁଦି ରହି ପୁଣି କହିଲା-

"ହଁ, ପଚାଶ ଟଙ୍କା । ତା' ପରେ.....ପାଞ୍ଚବର୍ଷ ପରେ ପା...ଞ୍ଚ ...ଶ...ଟ...ଙ୍କା... ।" ସେ କେବଳ ମୁହଁକୁ ବୋକାଙ୍କ ପରି ଚାହିଁ ରହିଲା ।

ବସ୍ ଡାକିଲା- ଭଁ...ଭଁ...ଭଁ, ଫଟ୍....ଫଟ୍.....ଫଟ୍... ।

ସତେ ଯେପରି ବସ୍‌କୁ ମୋ ଜୋରରେ ମୁଁ ଅଟକାଇ ତା' କଥା ଶୁଣିବି ଭାବି ପିଚା ତଳେ ଗଦିକି ମାଡ଼ିବସିଲି । ସେ କହିଲା- ହଁ, ହଁ ପାଞ୍ଚଶ ଟଙ୍କା । ବିଲବାଡ଼ି, ଘରଦ୍ୱାର ସବୁ...ଦାଣ୍ଡରେ ବୁଲି ଭିକ ମାଗୁଛି । ତୁମକୁ ଖୋଜୁଥିଲି...ବସ୍ ଧୀରେ ଧୀରେ ଚାଲିଲା । ମୁଁ ମୁହଁ ବଢ଼ାଇ ପଛକୁ ଚାହିଁଲି । ବସ୍ ଚାଲିଲା- ଫଟ୍...ଫଟ୍...ଫଟ୍.... । ମତେ ଶୁଭିଲା-ପଟନାୟକେ, ପଟନାୟକେ, ପଟନାୟକେ ।

ଏ ଘଟଣାର ଠିକ୍ ଦେଢ଼ବର୍ଷ ପରେ ଅନେକଥର ସେ ବାଟେ ଗଲି; କିନ୍ତୁ 'ପଟନାୟକ' ଡାକ ସେପରି ଆଉ ଶୁଣିଲି ନାହିଁ । କେତେ କାନେଇଲି, କେତେ କାହାକୁ ଭୁଲରେ ଅପେକ୍ଷା କଲି, ପଇସାଟିଏ କାହା ଝୁଲିରେ ପକାଇଲି, ପକାଇ କେତେଥର ସନ୍ଦେହରେ ନାଁ ପଚାରିଲି; କିନ୍ତୁ ଦେଢ଼ବର୍ଷ ତଳର ସେହି ବ୍ୟାକୁଳ ପ୍ରାଣର 'ପଟନାୟକ' ଶବ୍ଦଟି ଆଉ ଶୁଣିଲି ନାହିଁ

। ଦେଢ଼ବର୍ଷ ପରେ ଆସିକା ବସ୍ ଷ୍ଟେସନ୍‌ରେ ଆଉ ଗୋଟିଏ ଭିକାରୀ ସହିତ ଦିନେ ସାକ୍ଷାତ୍ ହେଲା । ଦେଢ଼ବର୍ଷ ତଳେ ଜଣେ ମାଗୁଥିଲା ପଇସା, ଦେଢ଼ବର୍ଷ ପରେ ଏ ଯାଚୁଥିଲା ପଇସା । ଭିକାରୀ, ସେ ପୁଣି ଯାଚିବ ପଇସା ! ତା' ହାତରୁ ନେବ କିଏ ? କେହି ନିଅନ୍ତି ନାହିଁ, କେବଳ ଦୁଃଖ କରି କହନ୍ତି- "ଆହା, ଭାଗ୍ୟ ଇମିତି କରାଏ । ବସି ଖାଇଲେ ଯେ ସାତ ଜନ୍ମ ଖାଇବ, ସେ ଆଜି ଇମିତି । ପଟନାୟକେ ପାଗଳ ହୋଇଗଲେ । ପଟନାୟକେ ପାଗଳ ନ ହେବାକୁ ବାଟ କାହିଁ ? କେତେ ଲୋକର ତ ତୋଟି ଚିପିଥିଲେ, ତାଙ୍କରି ଭୂତ ଏବେ ୟାଙ୍କ ତୋଟି ଧରି ବାୟା କରେଇ ଦେଇଚି ।" ଆଉ କିଏ କହେ- "ଦେଖିନ, ସୁବୁଦ୍ଧି ପରା ୟାଙ୍କରି ହେତୁ ବାୟା ହେଲା ଯେ, ଆଉ ଘରକୁ ଫେରିଲା ନାହିଁ । ୟାଙ୍କୁ ଖୋଜି ଖୋଜି ସେ ସଂସାର ବୁଲୁଚି, ଆଜି ପୁଣି ଏ ତାକୁ ଖୋଜି ଖୋଜି ବାୟା । ସଂସାର ଯେ ଆତଯାତ କରାଉଚି, ସେ କରେଇଚି ୟାକୁ ।"

ପଟନାୟକ ନାଁ ଶୁଣି ମୋ ମନରେ ଦକା ପଶିଗଲା । ମୁଁ ତା'ର ହାତ ଆଡ଼କୁ ହାତ ପାତି ଦେଲି । ସେହି ଜରାଜୀର୍ଣ୍ଣ ଭିକାରୀଟି ମୋ ହାତକୁ ତରତରରେ ପଇସାଟି ପକାଇ ଦେଇ ହାତଟାକୁ ଧରି ପକାଇଲା । ତା' ପରେ ପାଗଳ ପରି ହସି ହସି କହିଲା- "ଦେଖା ହେଲା, ଦେଖା ହେଲା । କିଛି ନେଇ ନାହିଁ, ସବୁ ରଖି ଦେଇଚି, ସୁବୁ଼ଦ୍ଧି ଯାଉଚ କୁଆଡ଼େ ?"

କେତେବେଳେ ବସ୍ ଛାଡ଼ିଲା, ଜାଣେ ନାହିଁ । କେତେବେଳେ ମୋ ହାତ ତା' ହାତରୁ ଅଲଗା ହେଲା ଜ୍ଞାନ ନାଇଁ । ମୋ ଗନ୍ତବ୍ୟସ୍ଥଳ ସେଠାରୁ ପ୍ରାୟ ପଚିଶ ମାଇଲ ଦୂରରେ । ବସ୍‌ରୁ ଓହ୍ଲାଇ ଚାରିଆଡ଼କୁ ଚାହିଁଲି । ଦେଖିଲି ମୋ'ରି ବୁକୁ ଭିତରେ ଦେଢ଼ବର୍ଷ ତଳର ସୁବୁଦ୍ଧି ଓ ଘଣ୍ଟାକ ତଳର ପଟନାୟକ ପରସ୍ପରକୁ ଚିହ୍ନିପାରିଛନ୍ତି । ଦେଖିଲି ଜଣେ ହତାଶ ପ୍ରାଣରେ ଚାଲିଯାଉଚି, ଜଣେ ଅନୁତାପରେ ତାକୁ ଟାଣି ଧରୁଚି ! ଦୁଇଟି ବ୍ୟଥାତୁର ପ୍ରାଣ ସମାନ ତାଳରେ ମୋ ଭିତରେ ନୃତ୍ୟ ଆରମ୍ଭ କରିଛନ୍ତି । ତା' ପରେ ଦିଶିଲା- ପାହାଡ଼, ପର୍ବତ, ଜନସ୍ରୋତ, ହାଟ, ବଜାର; କିନ୍ତୁ ସୁବୁଦ୍ଧି ଓ ପଟନାୟକ କାହାନ୍ତି ?

ଧନଧାନ୍ୟପୂର୍ଣ୍ଣ ବସୁନ୍ଧରାର ଗୋଟିଏ ଧନୀ ଓ ଗୋଟିଏ ଗରିବର ନିଷ୍ଠୁର ଖେଳ, ଗୋଟିଏ ମହାଜନ ଓ ଗୋଟିଏ ଖାତକର ନିର୍ମମ ଲୀଳାର ଇତିହାସର ପୃଷ୍ଠା ଏ । ସେ ଅତ୍ୟାଚାରୀ ଓ ଅତ୍ୟାଚାରିତର ଭଙ୍ଗୁର ଶରୀର କୁଆଡ଼େ ଧୂଳି ହୋଇଗଲାଣି; ତଥାପି ସେ କରୁଣ ଧ୍ୱନି ମୋ ହୃଦୟରେ ବେଳେବେଳେ ପ୍ରତିଧ୍ୱନିତ ହେଉଛି- ପଟନାୟକେ, ପଇସାଟିଏ ।